**SET NO-1**

**Roll Number**

| | | | | | | |
|---|---|---|---|---|---|---|
| | | | | | | |

*Candidates must write the Set No. on the title page of the answer book.*

# DAV PUBLIC SCHOOLS, ODISHA ZONE

## PERIODIC ASSESSMENT - II (2023-24)

- Please check that this question paper contains **06** printed pages.
- Set number given on the right hand side of the question paper should be written on the title page of the answer book by the candidate.
- Check that this question paper contains **14** questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS – X

## SUB: ODIA

**Max. Marks: 80** **Time Allowed:3Hours**

## General Instructions:

1. All questions are compulsory.
2.Attempt all the questions based on the specific instructions given in the questions itself .
3. This question paper contains four sections, Section A to D.
4. This Question Paper contains four sections- Section – A – Reading – 10 marks , Section- B – Writing – 12 Marks , Section-C – Grammar- 10 Marks and Section-D – Literature - 48 Marks.
5. Please write down the serial number of the question in the answer-book before attempting it.

## SECTION – A

**1. ନିମ୍ନ ଅନୁଚ୍ଛେଦଟିକୁ ପଢି ପ୍ରଦତ୍ତ ପ୍ରଶ୍ନଗୁଡିକର ଉତ୍ତର ଲେଖ ।** **( 5 x 2 =10)**

ଭାରତୀୟ ଦର୍ଶନ ସମଗ୍ର ବିଶ୍ୱରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରକାଶ କରିଅଛି । ଏହା ଆସ୍ତିକ ଓ ନାସ୍ତିକ ଦର୍ଶନ ଏହିପରି ଦ୍ୱିବିଧ। ଆସ୍ତିକମାନେ ବେଦ ଉପରେ ବିଶ୍ୱାସ କରୁଥିବାବେଳେ ନାସ୍ତିକମାନେ ଏଥିରେ ଆସ୍ଥା ରଖନ୍ତି ନାହିଁ । ସାଂଖ୍ୟ , ଯୋଗ , ନ୍ୟାୟ , ବୈଶେଷିକ , ମୀମାଂସା ,ବେଦାନ୍ତ-ଏହି ଛଅଗୋଟି ଆସ୍ତିକ ଭାବେ ଚେତନାର ଦର୍ଶନ । ବୌଦ୍ଧ , ଜୈନ ଓ ଚାର୍ବାକ –ଏହି ତିନିଗୋଟି ନାସ୍ତିକ ଭାବର ପୋଷକ । ଆସ୍ତିକପନ୍ଥୀମାନେ କର୍ମବାଦରେ ବିଶ୍ୱାସ କରନ୍ତି । ମଣିଷ କର୍ମ ଅନୁସାରେ ଫଳ ପାଇବ –ଏହିପରି ଏକ ଧାରଣା ରହିଛି । ପୁଣି ମଣିଷ ଇହଲୋକରୁ ମୁକ୍ତି ପାଇବାକୁ ଅନ୍ତିମ ଲକ୍ଷ୍ୟ ମନେ କରେ । ଏଥିପାଇଁ ସେ କର୍ମରେ ଶୃଙ୍ଖଳା ଆଣେ ଓ ଆପଣାର ବିବେକାନୁମୋଦିତ କର୍ମ କରେ । ଆତ୍ମସଂଯମର ସଫଳ ଅଭ୍ୟାସ ଦ୍ୱାରା ତା'ର ଜୀବନ ହୁଏ ସୁନିୟନ୍ତ୍ରିତ । ଭାରତରେ ପ୍ରକୃତ ଧର୍ମ ହେଉଛି ବିବେକାନୁମୋଦିତ କର୍ମ ସହିତ ଆତ୍ମସଂଯମର ସଫଳ ଅଭ୍ୟାସର ସମନ୍ୱୟ । ଏହି ଧର୍ମ ଅନ୍ଧବିଶ୍ୱାସ ନୁହେଁ । ପ୍ରେମ ,ଶ୍ରଦ୍ଧା ,ପରୋପକାର ,ସଦ୍‌ଗୁଣ ଓ ଶାନ୍ତିରେ ଏହାର ନିବାସ । ଆଧାତ୍ମିକ ସତ୍ୟକୁ ଉପଲବ୍ଧି କରିବାକୁ ହେଲେ ମଣିଷ ଏହି ମାର୍ଗରେ ହିଁ ଗତି କରିବାକୁ ପଡ଼ିବ । ତାହାହେଲେ ମଣିଷପଣିଆର ବ୍ୟାପକତା ଓ ଗଭୀରତାକୁ ବୁଝିହେବ । ଧର୍ମହେଉଛି ତାହା ଯାହା ମଣିଷ ସହିତ ମଣିଷର ସଂପର୍କକୁ ପାଟ ଡୋରରେ ବାନ୍ଧେ , ମଣିଷ ମୁହଁରେ ହସଫୁଟାଏ ,ଗଭୀର ଆତ୍ମପ୍ରତ୍ୟୟ ସୃଷ୍ଟି କରେ । ଶାନ୍ତ ,ସନ୍ତୁଷ୍ଟ ଆନନ୍ଦମୟ ଜୀବନଯାପନ ପାଇଁ ପ୍ରେରଣା ପ୍ରଦାନ କରିବା ଭାରତୀୟ ଦର୍ଶନର ମୂଳକଥା ।

i) ଭାରତରେ ପ୍ରକୃତ ଧର୍ମ କହିଲେ କ'ଣ ବୁଝାଏ ?

ii) ଭାରତୀୟ ଦର୍ଶନର ମୂଳକଥା କ'ଣ ?

iii) ଆସ୍ତିକ ଭାବଚେତନାରେ ଦର୍ଶନ କାହାକୁ କହନ୍ତି ?

iv) ମଣିଷ କାହିଁକି ବିବେକାନୁମୋଦିତ କର୍ମ କରେ ?

v) କେଉଁ ସବୁ ଦର୍ଶନ ନାସ୍ତିକ ଭାବର ପୋଷକ ?

## SECTION – B

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** **(6)**

i) ଭାରତର ମହାକାଶ ଗବେଷଣା

ii) ଛାତ୍ର ଓ ସମାଜସେବା

iii) ସମୟାନୁବର୍ତ୍ତିତା

**3. ଯେ କୌଣସି ଗୋଟିଏ ବିଷୟରେ ପତ୍ର ଲେଖ ।** **(6)**

i) ' ଜଳ ହିଁ ଜୀବନ ' ସଂପର୍କରେ ଏକ ଶୀର୍ଷକ ଲେଖା ପ୍ରକାଶ ନିମନ୍ତେ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

ii) ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତାହାତ ସମ୍ପର୍କିତ ଏକ ସମ୍ବାଦ ପ୍ରକାଶ ନିମିତ୍ତ ଏକ ଦୈନିକ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

(ବି.ଦ୍ର.–ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ )

## SECTION – C

**4. ଲକ୍ଷଣ, ଉଦାହରଣ ଓ ଯତିପାତ  ସହ ଯେ କୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** **(4)**

i) ଭାଗବତ ବାଣୀ ii) ବିଭାସ କେଦାର

**5. ସୂଚନା ଅନୁସାରେ ବାକ୍ୟଗୁଡିକୁ ପରିବର୍ତ୍ତନ କର ।  (ଯେ କୌଣସି ଦୁଇଟିର )** **(2 x 1=2)**

i) ଧନୁର୍ଦ୍ଧର ରାମଚନ୍ଦ୍ର ରାବଣକୁ ବିନାଶ କରିଥିଲେ । (ଜଟିଳ  ବାକ୍ୟରେ ପରିବର୍ତ୍ତନ କର)

ii) ବର୍ଷା ହେଲା ତଥାପି  ସେ ସ୍କୁଲକୁ ଗଲା ।  ( ସରଳ ବାକ୍ୟରେ ପରିବର୍ତ୍ତନ କର)

iii)  ମଧୁବାବୁ ଆମ ଉତ୍କଳର କୃତି ସନ୍ତାନ ଥିଲେ ।  ( ଯୌଗିକ ବାକ୍ୟରେ ପରିବର୍ତ୍ତନ କର)

**6. ନିମ୍ନଲିଖିତ ରୂଢିକୁ  ବ୍ୟବହାରକରି ସାର୍ଥକ ବାକ୍ୟ ଗଠନକର । (ଯେ କୌଣସି ଦୁଇଟିର )** **(2 x 1=2)**

i) ଆଖିକି ପାଇବା ii) ଓଳିଆରୁ ଗଜା iii) ଉଷୁନା ଧାନ ଗଜା ହେବା

**7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି ଦୁଇଟିର )** **(2 x 1=2)**

i) ଅପରାହ୍ନ ii) ଅନୁଶୟା iii) ଶନ୍ୟାସ

## SECTION – D

**8- ସପ୍ରସଙ୍ଗ ସରଳାର୍ଥ ଲେଖ ।** **(5)**

ଭାରତର ବୈଶିଷ୍ଟ୍ୟ ତା'ର ଅଧ୍ୟାତ୍ମିକତା ।

କିମ୍ବା

ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।

**9. ସଂକ୍ଷେପରେ ଉତ୍ତର ଲେଖ ।  ( ଯେ କୌଣସି ତିନୋଟିର )** **(3 x 2 =6)**

i) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୁଏ ?

ii) ଗୃହସ୍ଥର ପଥ କେତେବେଳେ ସଂପୂର୍ଣ୍ଣ ପୃଥକ୍ ହୋଇଯାଏ ?

iii) ଗ୍ରାମର ସାଧାରଣ ଯୁବକମାନେ କିପରି ସମୟ ବିତାନ୍ତି ?

iv) ଗ୍ରାମର ବିଦ୍ୟାର୍ଥୀମାନଙ୍କ ସମ୍ପର୍କରେ କି ପ୍ରକାର ଧାରଣା ପ୍ରଥମେ ସୃଷ୍ଟି ହୋଇଥାଏ ?

v) ବର୍ତ୍ତମାନ ପୃଥିବୀରେ ସଭ୍ୟତାର ଆଦର୍ଶଟି କ'ଣ ?

**10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** **( 10 x 1 =10 )**

i) ଦ୍ୱାରକାର ରାଜଭୋଗରେ କୃଷ୍ଣଙ୍କର ପାଦ କିପରି ହୋଇପଡିଲା    ?

a) ପଦ୍ମ ପରି କୋମଳ b) ଗୋଲାପ ପରି ରକ୍ତିମ

c) ନବ ପଲ୍ଲବପରି ରକ୍ତାଭ d) ହିମାଳୟ ପରି ସ୍ୱଚ୍ଛ

ii) ମହାଭାରତର କର୍ଣ୍ଣଧାର କେଉଁଥିରେ ନିଜର ଅବଶ ଅଙ୍ଗକୁ ଢ଼ାଳିଦେଲେ ?

a) ଅନୁତାପର ଜ୍ୱଳନ୍ତ ଅଗ୍ନିରେ b) ନିବିଡ ଅରଣ୍ୟର ଲତିକା ଦୋଳାରେ

c) ଗାନ୍ଧାରୀର ଅଭିଶାପ ଅନଳରେ d) ଗତାନୁଗତିକତାରେ

iii) ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କ'ଣ ପାଇଁ ପାଠକ ନିକଟରେ ପରିଚିତ ?

a) ବୈଜ୍ଞାନିକ b) ଦାର୍ଶନିକ

c) ଐତିହାସିକ d) ସାମ୍ବାଦିକ

iv) ଧର୍ମାନ୍ତର ପରେ ଦୀକ୍ଷିତ ବ୍ୟକ୍ତି ଧର୍ମ ନିକଟରେ କ'ଣ ଉତ୍ସର୍ଗ କରିଦେଇଥାଏ ?

a) ଧନ b) ବିବେକ

c) ମାନବିକତା d) ଜ୍ଞାନ

v) ଆଧୁନିକ ସଭ୍ୟତାର ଆଦର୍ଶକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ କିଏ କାର୍ଯ୍ୟକ୍ରମ ଆରମ୍ଭ କରିଛି?

a) ଜାତିସଂଘ b) ବିଜ୍ଞାନ

c) ଧାର୍ମିକ ଅନୁଷ୍ଠାନ d) ବିପକ୍ଷବାଦୀଗଣ

vi) ପ୍ରାବନ୍ଧିକ ବଂଶୀଧର ସାମନ୍ତରାୟ କଟକ ରେଭେନ୍ସା ମହାବିଦ୍ୟାଳୟରେ କେଉଁ ପଦବୀରେ ଅବସ୍ଥାନ କରିଥିଲେ ?

a) ବରିଷ୍ଠ କିରାଣି b) ପରୀକ୍ଷା ନିୟନ୍ତ୍ରକ

c) ଅଧ୍ୟାପକ d) ଅଧ୍ୟକ୍ଷ

vii) ଜୀବ ବିଜ୍ଞାନ ଆଲୋଚନାରେ ଆମ୍ଭେମାନେ କ'ଣ ଦେଖୁଥାଉଁ ?

a) ଅମାପ ଧୈର୍ଯ୍ୟରେ ସମାଜ ବଦଳେ b) ସବୁରି ମୂଳ ହିଁ ବିଜ୍ଞାନ

c) ବିଜ୍ଞାନର ଅଭୂତମୟ ପରିବର୍ତ୍ତନ d) ଜୀବନ୍ତ ଶରୀର କେବଳ ବିଭିନ୍ନ ଜଡ ଉପାଦାନରେ ଗଠିତ

viii) ନିମ୍ନୋକ୍ତ କେଉଁଟି କାନ୍ତକବିଙ୍କ ହାସ୍ୟ ଉଦ୍ଦୀପକ କବିତା ନୁହେଁ ?

a) ଗାନ୍ଧୀଗୋଳ b) ଅଲଣାପୁର

c) ଯୁଗର ମଜା d) ମହାପ୍ରୟାଣ

ix) କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୈତୃକ ଗ୍ରାମର ନାମ କ'ଣ ?

a) ତାଳପଦା b) ବାଖରାବାଦ

c) କଟକ d) କପ୍ତିପଦା

x) 'ଅସହଯୋଗୀର ଆତ୍ମକଥା' କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

a) ଡଗର b) ମୁକୁର

c) ଉତ୍କଳ ଦୀପିକା d) ଉତ୍କଳ ସାହିତ୍ୟ

**11. ସପ୍ରସଙ୍ଗ  ସରଳାର୍ଥ ଲେଖ ।** **(5)**

ସଂକଟ କାଳେ ତୁମ୍ଭନ୍ତ  ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।

କିମ୍ବା

ପ୍ରତିବିମ୍ବରାଜି  ଦ୍ୱୀପ-ଶୈଳ –ତଳେ
ସ୍ୱଷ୍ଟାକାରେ ଶୋଭେ ହ୍ରଦ –ଅନ୍ତଃସ୍ଥଳେ  ।

**12. ସଂକ୍ଷେପରେ ଉତ୍ତର ଲେଖ ।  ( ଯେ କୌଣସି ତିନୋଟିର )** **( 3 x 2 =6)**

i) ସିଂଘନାଦ କ'ଣ ?

ii) କେଉଁମାନଙ୍କ କୁଟୀର ଦ୍ୱାରା ଉତ୍କଳ ପବିତ୍ର ହୋଇଛି  ?

iii) ଲକ୍ଷ୍ମୀ କାହିଁକି ମାନଗୋବିନ୍ଦଙ୍କୁ  ଛାଡି ପଳାଇଲେ  ?

iv)  ପୋତପାଳ ମଶାଲ ଜାଳିଛି କାହିଁକି  ?

v) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ  ?

**13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** **( 10 x 1 =10 )**

i) କାନ୍ତକବି କେଉଁ ପତ୍ରିକାର ସମ୍ପାଦକ ଥିଲେ   ?

a) ମୁକୁର                b) ଡଗର
c) ସତ୍ୟବାଦୀ              d) ଉତ୍କଳ ସାହିତ୍ୟ

ii) ବ୍ୟାସ ସରୋବର ମଧ୍ୟରେ  ଶତ୍ରୁ ବଳପୂର୍ବକ ପ୍ରବେଶ କଲେ ଧ୍ୱଂସ ପାଇଯିବ ବୋଲି କିଏ ଅଭିଶାପ ଦେଇଥିଲେ ?

a) ମହର୍ଷି ଦୁର୍ବାସା          b) ମହର୍ଷି ବ୍ୟାସଦେବ
c) ଶିବ                  d) ଶ୍ରୀକୃଷ୍ଣ

iii) ଚିଲିକାର କେଉଁ ଦିଗରେ ନୌକାମାନ ଦୃଶ୍ୟମାନ ହେଉଥିଲା   ?

a) ପୂର୍ବ                 b) ପଶ୍ଚିମ
c) ଉତ୍ତର                d) ଦକ୍ଷିଣ

iv)  କେଉଁଟି 'ଭୂଧର'  ଶବ୍ଦର ପ୍ରତିଶବ୍ଦ ନୁହେଁ   ?

a)  ଗିରି                 b) ଶୈଳ
c) ଶିଖରୀ               d) କାନନ

v) ଉତ୍କଳ ଭୂମିର 'ଶୂରବର' ବୋଲି କାହାକୁ ଆଖ୍ୟା ଦିଆଯାଇଛି ?

a) ବିଦ୍ୱାନ               b) ଶ୍ରେଷ୍ଠ କବି
c) ଶ୍ରେଷ୍ଠ ବୀର            d) ମହାନ୍ କବି

vi) ବିଭୂତି ଭୂଷଣ  ବୋଲି କାହାକୁ କୁହାଯାଇଛି ?

a)ଲଙ୍କାପତି ରାବଣ    b) ରାମଚନ୍ଦ୍ର

c) ବାଳୀ    d) ବିଭୀଷଣ

vii) ମାନଗୋବିନ୍ଦ କେତେଥର ସିଂଘନାଦ ସହିବ ବୋଲି ମାତା ଲକ୍ଷ୍ମୀଙ୍କ ଆଗରେ ପ୍ରତିଜ୍ଞା କରିଥିଲା  ?

a) ଦୁଇଥର    b) ତିନିଥର

c) ପାଞ୍ଚଥର    d) ସାତଥର

viii) ଅଙ୍ଗଦଙ୍କର ପିତୃବ୍ୟ କିଏ  ?

a) ବାଳୀ    b) ସୁଗ୍ରୀବ

c) ହନୁମାନ    d) ବିଭୀଷଣ

ix)   ଛାୟା ମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କାହା ସହିତ ତୁଳନା କରାଯାଇଛି   ?

a) ଘଞ୍ଚବନରାଜି    b) ଲତାବେଷ୍ଟିତ ବୃକ୍ଷ

c) ସର୍ପଭୂଷିତ ମହାଦେବ    d) ପାରଦ ଧୌତ ନିର୍ଝର

x) ଅଙ୍ଗଦଙ୍କ ବଜ୍ରାଘାତ ସମ ପ୍ରହାର କେଉଁଠି ବାଜିଥିଲା  ?

a) ଶୁକ ଓ ସାରଣ ଦେହରେ    b) ପାହାଡରେ

c) ବ୍ୟୋମରେ    d) ବିନ୍ଧ୍ୟ ଗିରିରେ

**14. ସଂକ୍ଷେପରେ ଉତ୍ତର ଲେଖ  ।  ( ଯେକୌଣସି ଛଅଟିର )    ( 6 x1= 6)**

i) କିଏ ସୁବ୍ରତକୁ ଦେବତା ସଦୃଶ ମନେ କରନ୍ତି    ?

ii) ପୂରବୀ କାହା ଆଗରେ ବହିଟିକୁ ଟିକିନିଖି କରି ପଢନ୍ତି  ?

iii) ''ଭାରି କ୍ଷଣରାଗି । ଠିକ୍ ତା' ବୋଉପରି 'ଏକଥା କିଏ କହିଛନ୍ତି ?

iv) କାହା ସହିତ କଳିଙ୍ଗର ରାଜଜେମା ଦରବାର କକ୍ଷକୁ ଆସିଥିଲେ ?

v) ''କଳିଙ୍ଗ ଏକ ଅତି ସଙ୍କଟରେ ମୁହୂର୍ତ୍ତରେ ଆସି ପହଞ୍ଚିଛି ''- ଏହା କାହାର ଉକ୍ତି  ?

vi) କଳିଙ୍ଗ ମହାରାଣୀଙ୍କ ନାମ କ'ଣ ଥିଲା   ?

vii) ପୁଅକୁ କଟମଟ କରି ଚାହିଁବା ଲେଖକଙ୍କର କେଉଁ ଭାବ ପ୍ରକାଶ ପାଇଛି    ?

viii) କିଏ ଡେଇଁ ପଡ଼ି ଆଧୁନିକ ଅବୋଧ କବିତାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି ?

--------❁--------